# ବିଶ୍ୱରେ ମୃତ୍ୟୁସଂଖ୍ୟା ୯.୩୫ ଲକ୍ଷ ଟପିଲା

**ୱାଶିଂଟନ୍‌, ୧୫।୯/ଏଜେନ୍ସି:**

ବିଶ୍ୱରେ କରୋନା ସଂକ୍ରମଣ ଦିନକୁ ଦିନ ଗୁରୁତର ରୂପ ନେଉଛି । ଏ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ୨ କୋଟି ୯୬ ଲକ୍ଷ ୪ ହଜାର ୨୨୫ ଜଣ ଆକ୍ରାନ୍ତ ହେଲେଣି । ଇତି ମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ହୋଇ ୯ ଲକ୍ଷ ୩୫ ହଜାର ୮୪୭ ଜଣଙ୍କ ପ୍ରାଣହାନୀ ଘଟିଲାଣି । ତେବେ ଏ ପର୍ଯ୍ୟନ୍ତ ୨ କୋଟି ୧୪ ଲକ୍ଷ ୧୨ ହଜାର ୪୩୭ ଜଣ ସୁସ୍ଥ ହୋଇଛନ୍ତି । କରୋନା ସଂକ୍ରମଣରେ ବିଶ୍ୱରେ ସର୍ବାଗ୍ରେ ରହିଛି ଆମେରିକା । ଆମେରିକାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୭ ଲକ୍ଷ ୫୮ ହଜାର ୭୦୯ରେ ପହଞ୍ଚିଥିଲା ବେଳେ ମୃତ୍ୟୁସଂଖ୍ୟା ୨ ଲକ୍ଷର ନିକଟବର୍ତ୍ତୀ ହୋଇଛି । ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଭାରତ । ତୃତୀୟ ସ୍ଥାନରେ ରହିଥିବା ବ୍ରାଜିଲ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ୪୩ ଲକ୍ଷ ୫୬ ହଜାର ୬୯୦ କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁସଂଖ୍ୟା ୧ ଲକ୍ଷ ୩୨ ହଜାର ୨୯୭ ଟପିଗଲାଣି । ଚତୁର୍ଥ ସ୍ଥାନରେ ଥିବା ରୁଷିଆରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୭୩ ହଜାର ୮୪୯ ରେ ପହଞ୍ଚିଛି । ରୁଷିଆରେ କରୋନା ଆକ୍ରାନ୍ତ ହୋଇ ଏ ପର୍ଯ୍ୟନ୍ତ ୧୮,୭୮୫ ଜଣ ପ୍ରାଣ ହରାଇଲେଣି । ରୁଷିଆ ପଛକୁ ଯଥାକ୍ରମେ ରହିଛନ୍ତି ପେରୁ, କଲମ୍ବିଆ, ମେକ୍ସିକୋ, ଦକ୍ଷିଣଆଫ୍ରିକା, ସ୍ପେନ, ଆର୍ଜେଣ୍ଟିନା, ଚିଲି, ଇରାନ, ଫ୍ରାନ୍ସ ଓ ବ୍ରିଟେନ୍ ।

▶▶ ୭

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com